ତହସିଲଦାରଙ୍କ କାର୍ଯ୍ୟାଳୟ, କନ୍ଧମାଳ ।

(ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ବିଜ୍ଞପ୍ତି)

ବିଜ୍ଞାପନ ସଂଖ୍ୟା ୧୬୧୪ ତାରିଖ ୧୪.୭.୨୦୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କନ୍ଧମାଳ ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକୁ ୨୦୨୦-୨୧ ବର୍ଷଠାରୁ ୫ ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ବନ୍ଦୋବସ୍ତ କରିବା ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rules 2016** ପ୍ରକାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ " M" ତିନିକିତା ପୂରଣ କରି ଏଥି ସହିତ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ଲଫାପାଉପରେ ଉତ୍ସର ନାମ ଲେଖା ଥାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଆସନ୍ତା ତା:**୧୫.୦୭.୨୦୨୦**ରିଖଠାରୁ ତା:**୩୦.୦୭.୨୦୨୦**ରିଖ ଅପରାହ୍ନ ୩.00 ଘ. ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସରେ ଆବେଦନପତ୍ର ଦାଖଲ କରିପାରିବେ । ଉପରୋକ୍ତ ଧାର୍ଯ୍ୟ ସମୟପରେ ପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଗୁଡିକୁ ତା.**୩୧.୦୭.୨୦୨୦**ରିଖ ଅପରାହ୍ନ ୩.00 ଘ. ସମୟରେ ସମସ୍ତ ଦରଖାସ୍ତକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦଦିଆ ବାକ୍ସ ଓ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ଓ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ଦରଖାସ୍ତକାରୀଙ୍କୁ ଲଘୁ ଖଣିଜ ଲିଜ ପାଇଁ ଯୋଗ୍ୟ ବିବେଚନା କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ଯେଉଁ ଉତ୍ସ ଲିଜ ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଇ ପାରିନାହିଁ, ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ତା:**୦୭.୦୮.୨୦୨୦ରିଖ** ନତୁବା ତୃତୀୟ ଥର ପାଇଁ **ତା:୧୪.୦୮.୨୦୨୦ରିଖ ଅପରାହ୍ନ** 3.00 ଘଟିକା ସମୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକ ଉକ୍ତ ଦିନ 4.00 ଘଟିକାରେ ଉପରୋକ୍ତ ପ୍ରଣାଳୀରେ ସେହି ନିର୍ଦ୍ଦିଷ୍ଟ ଉତ୍ସ ଗୁଡିକପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ।

କୌଣସି କ୍ଷେତ୍ରରେ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ଅତିରିକ୍ତ ଦେୟ ରାଶି ରୟାଲିଟିର ଶତକଡା ୫ ଭାଗରୁ କମ ହେବ ନାହିଁ । ଆବେଦନକାରୀଙ୍କ ଦ୍ୱାରା ଉଲ୍ଲିଖିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ଏକାଧିକ ଆବେଦନକାରୀ ଅନ୍ୟଥା ଯୋଗ୍ୟ ଥାଇ ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରୀ ଦ୍ୱାରା ଯୋଗ୍ୟ ଲିଜଧାରୀ ସ୍ଥିର କରାଯିବ । ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତହସିଲଦାର, କନ୍ଧମାଳ ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବୌଦ୍ଧ ଜିଲ୍ଲା ୱେବସାଇଟ(www.boudh.nic.in)ରେ ଉପଲବ୍ଧ ହେବ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରି ପାରିବେ ।

(ସ୍ୱାକ୍ଷର) ୧୪/୦୭/୨୦୨୦

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା ୧୬୧୫ / ତାରିଖ ୧୪.୭.୨୦୨୦

ଏହାର ନକଲ ତହସିଲ କାର୍ଯ୍ୟାଳୟ, ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଗଲା ।

ଏହାର ନକଲ କନ୍ଧମାଳ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ/କନ୍ଧମାଳ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସରପଞ୍ଚ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନ୍ଧମାଳଙ୍କ ଅବଗତି ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

(ସ୍ୱାକ୍ଷର) ୧୪/୦୭/୨୦୨୦

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା 1525 / ତାରିଖ 14.7.2020

ଏହାର ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ/D.I.O., NIC, Boudhଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । D.I.O., NIC, Boudhଙ୍କୁ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନଟି ବୌଦ୍ଧ ଜିଲ୍ଲା ୱେବସାଇଟରେ ଜନସାଧାରଣଙ୍କ ସୂଚନା ନିମନ୍ତେ ପ୍ରଦର୍ଶିତ କରିବେ ।

ଅଧିକାର ତା ୧୪/୦୭/୨୦୨୦

ତହସିଲଦାର, କଣ୍ଟାମାଳ ।

ପରିପତ୍ର ସଂଖ୍ୟା 1526 /ତାରିଖ 14.7.2020

ଏହାର ନକଲ ଜିଲ୍ଲାପାଳ, ବୌଦ୍ଧ/ଉପଜିଲ୍ଲାପାଳ, ବୌଦ୍ଧଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅଧିକାର ତା ୧୪/୦୭/୨୦୨୦

ତହସିଲଦାର, କଣ୍ଟାମାଳ ।

## ଦରଖାସ୍ତ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ(Form-M) ପୂରଣ କରି ଏହା ସହିତ ସମସ୍ତ କାଗଜାତକୁ ଏକ ବଡ ଲଫାପାରେ ଭର୍ତ୍ତିକରି ଉକ୍ତ ଲଫାପା ଉପରେ ସ୍ପଷ୍ଟ ଭାବରେ ସୈରାତ ଉତ୍ସର ନାମ, ଦରଖାସ୍ତକାରୀଙ୍କ ନାମ, ଠିକଣା ଓ ମୋବାଇଲ ନମ୍ବର ଦେବେ ।

୨. ଦରଖାସ୍ତ ବାବଦକୁ ଟ.୧୦୦୦/-(ଏକ ହଜାର ଟଙ୍କା) ଅଣ ଫେରସ୍ତ ରାଶିର ଟ୍ରେଜେରୀ ଚାଲାଣ ଦାଖଲ କରିବେ ।
Demand No-. " 0853 –Non Ferrous Mining and Metallurgical-102-Mineral Concession Fees, Rent and Royalties 0217 receipt under Odisha Minor Mineral Concession Fees(new)-02021 collection of fees, rent & royalties(new)".

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ଦେୟ ବାବଦରେ ଓଡିଶା ସରକାରଙ୍କଠାରେ ବକେୟା ନ ଥିବା ଓ ନିଜ ନାମରେ କୌଣସି ଅପରାଧିକ ମାମଲା ନ ଥିବା ସମ୍ବନ୍ଧେ ଏକ ସଦ୍ୟ ସତ୍ୟପାଠ ଦାଖଲ କରିବେ ।

୪. ପ୍ରସ୍ତାବିତ ଉତ୍ସର ଚୌହଦିର ସଂପୂର୍ଣ୍ଣ ବିବରଣୀ(ଉତ୍ସକୁ ପରିଦର୍ଶନ କରି) ତହସିଲ ନକ୍ସା ସହ ମେଳ କରି ଦରଖାସ୍ତ ସହ ସଂଲଗ୍ନ କରିବେ ।

୫. ଦରଖାସ୍ତ ସହିତ EMD ରାଶି ବାବଦକୁ ଉକ୍ତ ସୈରାତ ଉତ୍ସର ମୋଟ ବାର୍ଷିକ ଦେୟର ୧୦ % ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ତହସିଲଦାର, କଣ୍ଟାମାଳଙ୍କ ନାମରେ(payable at Kantamal) ପ୍ରଦାନ କରିବେ ।

(EMD calculation: 10 % of {MGQ X (Royalty + Addl. Charges (ବିଜ୍ଞପ୍ତି ଅନୁସାରେ)}

୬. ବ୍ୟାଙ୍କ ଗ୍ୟାରେଣ୍ଟି (1½ ବର୍ଷ validity) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ{MGQ X (Royalty + Addl. Charges(ବିଜ୍ଞପ୍ତି + ପ୍ରାର୍ଥୀଙ୍କ ଅନୁସାରେ)} ଠାରୁ ଅଧିକ ହୋଇଥିବ ।

୭. ଆୟକର ସମ୍ପର୍କିତ ନିକାଶୀ ପ୍ରମାଣପତ୍ର(Income Tax Clearance Certificate) କିମ୍ବା Assessment year ର IT Return ର ନକଲ ଦାଖଲ କରିବେ ।

୮. ଦରଖାସ୍ତକାରୀ ଆଧାର କାର୍ଡ ଓ ପାନ କାର୍ଡର ନକଲ ଦାଖଲ କରିବେ ।

୯ . ଚଳିତ ଆର୍ଥିକ ବର୍ଷର GST Clearance ଦାଖଲ କରିବେ ।

ବି: ଦ୍ର:- ୧- ଦରଖାସ୍ତକାରୀ ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବେ ।

୨-ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ସରକାରଙ୍କ ଦ୍ଵାରା ଧାର୍ଯ୍ୟ କରାଯାଇଥିବା ରୟାଲିଟି ଓ ଅତିରିକ୍ତ ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ ।

୩- Mining Plan ପ୍ରସ୍ତୁତି ଓ ଅନୁମୋଦନ ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୪- ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ଭାବେ ଆବେଦନ କରିବେ ।

୫- ପରିବେଶ ସମ୍ବନ୍ଧୀୟ ଅନୁମତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲିଜଧାରୀ ନିଜ ଖର୍ଚ୍ଚ ଓ ଦାୟୀତ୍ଵରେ ହାସଲ କରିବେ ।

୬- କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ପାଇଲା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୭- ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ, ଯୋଗ ଓ ବିୟୋଗ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୮- ଏ ସମ୍ବନ୍ଧୀୟ ସମସ୍ତ ବିଷୟ ODISHA MINOR MINERAL CONCESSION RULES, 2016 ଓ ତଦପରବର୍ତ୍ତୀ ସଂଶୋଧିତ ନିୟମାବଳୀ ଅନୁସାରେ ପରିଚାଳିତ ହେବ ।

<u>କନ୍ଧମାଳ ତହସିଲରେ ନିଲାମ ହେବାକୁ ଥିବା ଲଘୁ ଖଣିଜ ଉତ୍ସଗୁଡିକର ସଂପୂର୍ଣ୍ଣ ବିବରଣୀ</u>

| କ୍ର. ସଂ. | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ରୟାଲିଟି (ଟଙ୍କାରେ) | ଅତିରିକ୍ତ ଦେୟ (ଟଙ୍କାରେ) | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ପରିମାଣ (in cum.) (Approx.) | ଅଗ୍ରୀମ ଦାଖଲ କରିବା EMD ରାଶିର ପରିମାଣ |
|---|---|---|---|---|---|---|---|---|---|---|
| ୧ | ଛପ୍ରା ବାଲିଘାଟ | ଛପ୍ରା | ୧୨୬ | ୬୫୨ (ଅଂଶ) | ୬.୨୦୦ | ନଦୀ (ତେଲ) | ୩୫-୦୦ | ୪୦.୦୦ | ୩୦୫୦ | ୨୨୮୭୫/- |
| ୨ | ଫାସେଡ଼ ବାଲିଘାଟ | ଫାସେଡ଼ | ୧୪୪ | ୧୦୯ (ଅଂଶ) | ୪.୧୦୫ | ନଦୀ (ତେଲ) | ୩୫-୦୦ | ୭୦.୦୦ | ୧୦୦୭୦ | ୧୦୫୭୩୫/- |
| | | | | ୧୧୦ (ଅଂଶ) | ୮.୨୫୦ | | | | | |
| | | | | ୫୯୦ (ଅଂଶ) | ୧୨.୩୫୫ | | | | | |
| | | | | ମୋଟ | ୨୪.୭୧୦ | | | | | |
| ୩ | ବଡଛପାପାଲି ବାଲିଘାଟ | ବଡଛପାପାଲି | ୨୭୬ | ୩୦୯ (ଅଂଶ) | ୩.୮୦୦ | ନଦୀ | ୩୫-୦୦ | ୫୦.୦୦ | ୬୦୪୦ | ୫୧୩୪୦/- |
| | | | | ୩୧୦ (ଅଂଶ) | ୮.୭୦୦ | | | | | |
| | | | | ମୋଟ | ୧୨.୫୦୦ | | | | | |
| ୪ | କିର୍ଲା ବାଲିଘାଟ | କିର୍ଲା | ୧୩୭ | ୨୧୪ (ଅଂଶ) | ୨୫.୦୦୦ | ନଦୀ (ତେଲ) | ୩୫-୦୦ | ୭୦.୦୦ | ୭୦୭୦ | ୫୭୫୭୦/- |

ତହସିଲଦାର, କନ୍ଧମାଳ ।